# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**27th March - 2024**

**News Editor : *Tapan Kumar Maharana***

**********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ୧୫ଟି ଲୋକସଭା ଏବଂ ୭୧ଟି ବିଧାନସଭା ଆସନ ଲାଗି ବିଜୁ ଜନତା ଦଳ ପକ୍ଷରୁ ପ୍ରକାଶ ପାଇଲା ପ୍ରାର୍ଥୀ ତାଲିକା ।

- ଲୋକସଭା ନିର୍ବାଚନ ଦ୍ୱିତୀୟ ପର୍ଯ୍ୟାୟ ନିମନ୍ତେ ଆସନ୍ତାକାଲିଠାରୁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ।
- ପୁରୀ ଶ୍ରୀମନ୍ଦିରରେ ବର୍ତ୍ତମାନ ଅନୁଷ୍ଠିତ ହେଉଛି ଶ୍ରୀଜୀଉମାନଙ୍କର ବନକଲାଗି ନୀତି ।

ଏବଂ

- ଶାନ୍ତି ଓ ସଂସ୍କୃତି ବିଷୟରେ ଲୋକମାନଙ୍କୁ ନାଟ୍ୟ ମାଧ୍ୟମରେ ସଚେତନ କରାଇବା ବାର୍ତ୍ତା ନେଇ ଆଜି ପାଳିତ ହେଉଛି ବିଶ୍ୱ ନାଟ୍ୟ ଦିବସ ।

***Desk***

# ବି.ଜେ.ଡି. - ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା

ବିଜୁ ଜନତା ଦଳ ପକ୍ଷରୁ ଆଜି ୭୨ଟି ବିଧାନସଭା ଓ ୧୫ଟି ଲୋକସଭାପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ପୁରୀ ଲୋକସଭା ଆସନରୁ ଅରୂପ ପଟ୍ଟନାୟକ, ଜଗତ୍‌ସିଂହପୁରରୁ ରାଜଶ୍ରୀ ମଲ୍ଲିକ, କଟକରୁ ସଂତୃପ୍ତ ମିଶ୍ର, କନ୍ଧମାଳନରୁ ଅଚ୍ୟୁତ ସାମନ୍ତ, ଯାଜପୁରରୁ ଶର୍ମିଷ୍ଠା ସେଠୀ, ଢେଙ୍କାନାଳରୁ ଅବିନାଶ ସାମଲ  ଦଳୀୟ ପ୍ରାର୍ଥୀ ହେବେ । ବି.ଜେ.ଡି. ସଭାପତି ଶ୍ରୀ ପଟ୍ଟନାୟକ ଆଜି ପୂର୍ବାହ୍ନରେ ୯ଟି ଲୋକସଭା ଆସନ ପାଇଁ ଘୋଷଣା କରିଥିବା ପ୍ରାର୍ଥୀମାନଙ୍କ ମଧ୍ୟରେ ସମ୍ବଲପୁରରୁ ପ୍ରଣବ ପ୍ରକାଶ ଦାସ, କେନ୍ଦ୍ରାପଡ଼ାରୁ ଅଂଶୁମାନ ମହାନ୍ତି,  ଭୁବନେଶ୍ୱରରୁ ମନ୍ମଥ ରାଉତରାୟ, ସୁନ୍ଦରଗଡ଼ରୁ ଦିଲ୍ଲୀପ ତିର୍କୀ, କଳାହାଣ୍ଡିରୁ ଲମ୍ବୋଦର ନିଆଲ, ନବରଙ୍ଗପୁରରୁ ପ୍ରଦୀପ କୁମାର ମାଝୀ, ମୟୁରଭଞ୍ଜରୁ ସୁଦାମ ମାରାଣ୍ଡି, କୋରାପୁଟରୁ କୌଶଲ୍ୟା ହିକ୍କା, ଆସିକାରୁ ରଞ୍ଜିତା ସାହୁ ପ୍ରାର୍ଥୀ ତାଲିକାରେ ସ୍ଥାନ ପାଇଛନ୍ତି । ସୂଚନାଯୋଗ୍ୟ, ଭୁବନେଶ୍ୱର ଲୋକସଭା ପ୍ରାର୍ଥୀ ମନ୍ମଥ ରାଉତରାୟ ଆଜି ବିଜୁ ଜନତା ଦଳରେ ଯୋଗ ଦେଇଥିଲେ।

ବିଜୁ ଜନତା ଦଳ ଅଧ୍ୟକ୍ଷଙ୍କ ସୂଚନା ଅନୁସାରେ ଆଜି ଘୋଷଣା କରିଥିବା ବିଧାନସଭା ପ୍ରାର୍ଥୀଙ୍କ ମଧ୍ୟରେ ବର୍ତ୍ତମାନ ସରକାରରେ ଥିବା କେତେ ଜଣ ମନ୍ତ୍ରୀ ପ୍ରାର୍ଥୀ ତାଲିକାରେ ସ୍ଥାନ ପାଇଛନ୍ତି । ହିଞ୍ଜିଳି ବିଧାନସଭା ଆସନରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ରମାଗତ ଭାବେ ଷଷ୍ଠ ଥର ଲାଗି ପ୍ରାର୍ଥୀ

ହୋଇଛନ୍ତି । ବଲାଙ୍ଗିରରୁ କଳିକେଶ ନାରାୟଣ ସିଂହଦେଓ, ଟିଟିଲାଗଡ଼ରୁ ଟୁକୁନି ସାହୁ, ନୂଆପଡ଼ାରୁ ରାଜେନ୍ଦ୍ର ଢୋଲକିଆ, ଜୁନାଗଡ଼ରୁ ଦିବ୍ୟଶଙ୍କର ମିଶ୍ର, ଧର୍ମଗଡ଼ରୁ ପୁଷ୍ପେନ୍ଦ୍ର ସିଂହଦେଓ, ବଡ଼ମ୍ବାରୁ ଦେବୀପ୍ରସାଦ ମିଶ୍ରଅ, କଟକ ସଦରରୁ ଚନ୍ଦ୍ରସାରଥୀ ବେହେରା, ମହାକାଳପଡ଼ାରୁ ଅତନୁ ସବ୍ୟସାଚୀ ନାୟକ, ସତ୍ୟବାଦୀରୁ ସଞ୍ଜୀୟ ଦାସବର୍ମା, ପିପିଲିରୁ ରୁଦ୍ରପ୍ରତାପ ମହାରଥୀ, ବିଜେପୁରରୁ ରୀତା ସାହୁ, ଅତାବିରାରୁ ସ୍ନେହାଙ୍ଗିନୀ ଛୁରିଆ, ଭଦ୍ରକରୁ ପ୍ରଫୁଲ୍ଲ ସାମଲ, ବିଞ୍ଝାରପୁରରୁ ପ୍ରମିଳା ମଲ୍ଲିକ, ଘଷିପୁରାରୁ ବଦ୍ରିନାରାୟଣ ପାତ୍ର, ଭଞ୍ଜନଗରରୁ ବିକ୍ରମକେଶରୀ ଆରୁଖ, ପାଟକୁରାରୁ ଅରବିନ୍ଦ ମହାପାତ୍ର ପ୍ରମୁଖଙ୍କ ନାମ ଦଳ ଘୋଷଣା କରିଛି ।

*HS*

## ଲୋକସଭା ନିର୍ବାଚନ ଦ୍ୱିତୀୟ ପର୍ଯ୍ୟାୟ - ବିଜ୍ଞପ୍ତି

ଲୋକସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ନିମନ୍ତେ ଆସନ୍ତାକାଲିଠାରୁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ । ଭାରତୀୟ ନିର୍ବାଚନ କମିଶନର ଏହି ପର୍ଯ୍ୟାୟ ପାଇଁ ବିଜ୍ଞପ୍ତି ଜାରି କରିବେ । ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟରେ ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୮୮ଟି ଆସନ ନିମନ୍ତେ ଏପ୍ରିଲ ୨୬ ତାରିଖରେ ଭୋଟ ଗ୍ରହଣ ହେବ । ଏହି ପର୍ଯ୍ୟାୟରେ ଆସାମ, ବିହାର, ଛତିଶଗଡ, ଜମ୍ମୁ କଶ୍ମୀର, କର୍ଣ୍ଣାଟକ, କେରଳ, ମହାରାଷ୍ଟ୍ର,

ମଧ୍ୟପ୍ରଦେଶ, ରାଜସ୍ଥାନ, ତ୍ରିପୁରା, ଉତ୍ତର ପ୍ରଦେଶ ଓ ପଶ୍ଚିମବଙ୍ଗ ବ୍ୟତୀତ ମଣିପୁରର ଗୋଟିଏ ଆସନ ରହିଛି ।

ଅନ୍ୟପକ୍ଷରେ ଆଜି ପ୍ରଥମ ପର୍ଯ୍ୟାୟ ନାମାଙ୍କନ ପତ୍ର ଦାଖଲର ଶେଷ ଦିନ ଥିଲା । ଏହି ପର୍ଯ୍ୟାୟରେ ୧୭ଟି ରାଜ୍ୟ ଓ ୪ଟି କେନ୍ଦ୍ରଶାସିତ ଅଞ୍ଚଳର ୧୦୨ଟି ଲୋକସଭା ଆସନପାଇଁ ଆସନ୍ତା ମାସ ୧୯ ତାରିଖରେ ଭୋଟ୍ ଗ୍ରହଣ କରାଯିବ ।

*Malkangiri/R*

# ସୁବିଧା ଆପ୍

ଚଳିତ ସାଧାରଣ ନିର୍ବାଚନରେ ‘ସୁବିଧା ଆପ’ର ବ୍ୟବହାର ନିମନ୍ତେ ପ୍ରଶାସନିକ ସ୍ତରରେ ପ୍ରାର୍ଥୀ ଏବଂ ଦଳୀୟ ପ୍ରତିନିଧିମାନଙ୍କୁ ଅବଗତ କରାଯାଉଛି । ମାଲକାନଗିରି ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସଚିନ୍ ପାୱାର୍‌ଙ୍କ ଅଧ୍ୟକ୍ଷତାରେ ଆଜି ଏହି ସଂକ୍ରାନ୍ତ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଓ ନୋଡାଲ ଅଧିକାରୀମାନଙ୍କୁ ଏହି ଆପ୍ ବ୍ୟବହାର ସଂକ୍ରାନ୍ତରେ ତାଲିମ୍ ପ୍ରଦାନ କରାଯାଇଛି । ନାମାଙ୍କନ ପତ୍ର, ସତ୍ୟପାଠ, ରାଲି ଏବଂ ସଭାସମିତି ପାଇଁ ଏହି ଆପ୍ ମାଧ୍ୟମରେ ରାଜନୈତିକ ପ୍ରତିନିଧିମାନେ ଅନଲାଇନ ମାଧ୍ୟମରେ ଆବେଦନ କରିପାରିବେ। ଆବେଦନ କରିବାର ୪୮ ଘଣ୍ଟା ମଧ୍ୟରେ ଆବେଦନକାରୀ ପ୍ରାର୍ଥୀମାନେ ପ୍ରମାଣପତ୍ର ପାଇପାରିବେ। ଜିଲ୍ଲାରେ

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସୁବିଧା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଜିଲ୍ଲାପାଳ ସମସ୍ତ ରାଜନୈତିକ ପ୍ରତିନିଧିଙ୍କୁ ସି-ଭିଜିଲ ଆପ୍ ମାଧ୍ୟମରେ ଅଭିଯୋଗ ଦାଖଲ କରିବା ପାଇଁ ପରାମର୍ଶ ଦେଇଛନ୍ତି ।

*PIB*

## ପି.ଆଇ.ବି. ସୁବିଧା ପୋଟାଲ୍

ସାଧାରଣ ନିର୍ବାଚନରେ ଗଣମାଧ୍ୟମ ପ୍ରତିନିଧିଙ୍କ ସୁବିଧା ପାଇଁ ପତ୍ର ସୂଚନା କାର୍ଯ୍ୟାଳୟ ପକ୍ଷରୁ 'ସୁବିଧା' ପୋର୍ଟାଲ୍‌ର ଶୁଭାରମ୍ଭ କରାଯାଇଛି । ଗଣମାଧ୍ୟମ ପ୍ରତିନିଧିମାନେ ପୋର୍ଟାଲ୍ ଉପଲବ୍ଧ ସୂଚନାକୁ ସେମାନଙ୍କ ଲେଖାରେ ବ୍ୟବହାର କରିପାରିବେ । ଜାତୀୟ ଏବଂ ରାଜ୍ୟସ୍ତରୀୟ ନିର୍ବାଚନ ଅଧିକାରୀଙ୍କ ବିଷୟରେ ସୂଚନା ଏବଂ ଯୋଗାଯୋଗ କରିବାପାଇଁ ଏହି ପୋର୍ଟାଲ୍‌ରେ ତଥ୍ୟ ଉପଲବ୍ଧ ହେଉଛି । ଏହାବ୍ୟତୀତ ଗଣମାଧ୍ୟମ ପ୍ରତିନିଧିମାନଙ୍କପାଇଁ ଭାରତର ନିର୍ବାଚନ କମିଶନ୍‌ଙ୍କ ନିର୍ଦ୍ଦେଶାବଳୀ ଏବଂ ଏ ସମ୍ପର୍କିତ ସଦ୍ୟତମ ସୂଚନା ସୁବିଧା ପୋର୍ଟାଲ୍‌ରେ ଉପଲବ୍ଧ ହେଉଛି ।

*Khurda/R*

## ଖୋର୍ଦ୍ଧା ନିର୍ବାଚନ ମଣ୍ଡଳି

ଖୋର୍ଦ୍ଧା ଜିଲ୍ଲାରେ ସାଧାରଣ ନିର୍ବାଚନର ଷଷ୍ଠ ପର୍ଯ୍ୟାୟରେ ଆସନ୍ତା ମଇ ମାସ ୨୫ ତାରିଖରେ ଭୋଟ୍‌ଗ୍ରହଣ ହେବ। ଖୋର୍ଦ୍ଧା ଜିଲ୍ଲା ଅଧୀନରେ

ଭୁବନେଶ୍ୱର ଲୋକସଭା ଏବଂ ୮ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଭୁକ୍ତ । ଏଥିପାଇଁ ଜିଲ୍ଲାରେ ମୋଟ୍ ୧ ହଜାର ୯୦୫ଟି ମତଦାନ କେନ୍ଦ୍ର କରାଯାଇଛି। ସେଥିମଧ୍ୟରୁ ୨୦ ପ୍ରତିଶତ ଆଦର୍ଶ ମତଦାନ କେନ୍ଦ୍ର କରାଯାଇଛି । ଜିଲ୍ଲାର ମୋଟ ମତଦାତାଙ୍କ ସଂଖ୍ୟା ୧୮ ଲକ୍ଷ ୬୫ ହଜାର ୪୫୫ଙ୍କ ମଧ୍ୟରୁ ପୁରୁଷ ଭୋଟରଙ୍କ ସଂଖ୍ୟା ୯ ଲକ୍ଷ ୫୧ ହଜାର ୫୫୪ ଏବଂ ମହିଳା ଭୋଟରଙ୍କ ସଂଖ୍ୟା ୮ ଲକ୍ଷ ୯୩ ହଜାର ୩୪୧ । ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଜିଲ୍ଲାରେ ୫୭୦ ଜଣ ତୃତୀୟଲିଙ୍ଗୀ ଭୋଟର୍ ଅଛନ୍ତି। ଚଳିତ ଥର ମତଦାନ ଲାଗି ଜିଲ୍ଲାର ୩୫ ହଜାର ୩୦୮ ଯୁବ ଭୋଟର ନୂତନ ଭୋଟର ତାଲିକାରେ ନାମ ପଞ୍ଜୀକରଣ କରିଛନ୍ତି । ନିର୍ବାଚନର ସୁପରିଚାଳନା ପାଇଁ ପୋଲିଂ ଅଧିକାରୀ ଓ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଏ ସମ୍ପର୍କରେ ଆମ ଖୋର୍ଦ୍ଧା ସମ୍ବାଦଦାତାଙ୍କ ରିପୋର୍ଟ :

***Voice :.........***

***Nabarangpur/R***

# ନିର୍ବାଚନ ସମୀକ୍ଷା ବୈଠକ

ଆସନ୍ତା ସାଧାରଣ ନିର୍ବାଚନକୁ ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ ପରିଚାଳନା ନିମନ୍ତେ ନବରଙ୍ଗପୁର ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆଜି ଏକ ନିର୍ବାଚନ ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ନିର୍ବାଚନ

କାର୍ଯ୍ୟରେ ନିୟୋଜିତ ବିଭିନ୍ନ ବିଭାଗର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ । ମିଳିଥିବା ସୂଚନା ଅନୁସାରେ ମତଦାନ କେନ୍ଦ୍ରଗୁଡ଼ିକରେ ସର୍ବନିମ୍ନ ମୌଳିକ ସୁବିଧା ନିଶ୍ଚିତ କରିବା, ଇ.ଭି.ଏମ୍. କମିଶନ୍, ଭୋଟ୍ ଗଣନା ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା ।

***Puri/R***

## ବନକଲାଗି

ପୁରୀ ଶ୍ରୀମନ୍ଦିରରେ ଚୈତ୍ର କୃଷ୍ଣ ଦ୍ୱିତୀୟା ତିଥିରେ ବର୍ତ୍ତମାନ ଶ୍ରୀଜିଉଙ୍କର ବନକଲାଗି ନୀତି ଚାଲିଛି । ଏଥିପାଇଁ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିଛି। ଶ୍ରୀଜୀଉମାନଙ୍କ ଶ୍ରୀମୁଖ ଶୃଙ୍ଗାର ତଥା ବନକଲାଗି ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ନୀତି ସମୟରେ ଗର୍ଭଗୃହର ସମସ୍ତ ଦ୍ୱାର ବନ୍ଦ ରହିଛି। ବନକଲାଗି ପରେ ମହାପ୍ରଭୁଙ୍କ ମହାସ୍ନାନ ନୀତି ଅନୁଷ୍ଠିତ ହେବ । ମହାସ୍ନାନ ପରେ ଶ୍ରଦ୍ଧାଳୁମାନେ ପୁଣି ଶ୍ରୀବିଗ୍ରହମାନଙ୍କୁ ଦର୍ଶନ କରିପାରିବେ ।

*Desk*

# ବିଶ୍ୱ ନାଟ୍ୟ ଦିବସ

ନାଟକର ମୂଲ୍ୟ ଏବଂ ସମାଜରେ ତା'ର ପ୍ରଭାବକୁ ଉଜ୍ଜୀବିତ କରିବା ନେଇ ଆଜି ବିଶ୍ୱ ନାଟ୍ୟ ଦିବସ ପାଳନ କରାଯାଉଛି । ଆନ୍ତର୍ଜାତିକ ଥିଏଟର୍ ପ୍ରତିଷ୍ଠାନ ପକ୍ଷରୁ ୧୯୬୧ ମସିହାରୁ ଏହି ଦିବସ ପାଳନ କରାଯାଇଆସୁଛି । ଶାନ୍ତି ଏବଂ ସଂସ୍କୃତି ବିଷୟରେ ଲୋକଙ୍କୁ ସଚେତନ କରାଇବାର ବାର୍ତ୍ତା ନେଇ ବିଶ୍ୱ ନାଟ୍ୟ ଦିବସ ପାଳନ କରାଯାଇଥାଏ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଆ ନାଟକ ଜଗତକୁ ସମୃଦ୍ଧ କରିଥିବା ମହାପୁରୁଷଙ୍କ ପ୍ରତି ସମ୍ମାନ ଓ ଶୁଭେଚ୍ଛା ଜଣାଇବା ସହ ଉତ୍କୃଷ୍ଟ କଳାର ରାଜ୍ୟ ଓଡ଼ିଶାରେ କଳା ଓ ସଂସ୍କୃତିର ପ୍ରସାରରେ ନାଟକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଛନ୍ତି ।

ବିଶ୍ୱ ନାଟ୍ୟ ଦିବସ ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରେ ନାଟ୍ୟାନୁଷ୍ଠାନ ପକ୍ଷରୁ ଆଲୋଚନାଚକ୍ର, ନାଟକ ପରିବେଷଣ ଏବଂ ନାଟ୍ୟକାର ସମ୍ମାନ ସମାରୋହର ଆୟୋଜନ କରାଯାଉଛି ।

*****